ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଘରୋଇ ହିଂସା ବିରୁଦ୍ଧରେ ସଶକ୍ତିକରଣ ପାଇଁ ୱେବ୍‌-କର୍ମଶାଳା ଆରମ୍ଭ

ଭୁବନେଶ୍ୱର : ୨୯ ଅପ୍ରେଲ୍‌,୨୦୨୦

କୋଭିଡ୍‌-୧୯ ମହାମାରୀ ପରିପ୍ରେକ୍ଷୀରେ ମହିଳା, ଯୁବତୀ ଓ କିଶୋରୀମାନଙ୍କ ପ୍ରତି ଘରୋଇ ହିଂସା ପରିସ୍ଥିତିକୁ ଦୃଷ୍ଟିରେ ରଖି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ତରଫରୁ ୱାନ୍‌ ଷ୍ଟପ୍‌ ସେଣ୍ଟର, ମହିଳା ସହାୟତା ନମ୍ବର ଏବଂ ପରିବାର ପରାମର୍ଶ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ କାଉନ୍‌ସେଲର ଏବଂ କର୍ମଚାରୀମାନଙ୍କ ପାଇଁ ୱେବ୍‌-କର୍ମଶାଳା ଗତକାଲିଠାରୁ ଆରମ୍ଭ ହୋଇଛି । ଏଥିରେ ରାଜ୍ୟରୁ ୨୦୦ ଜଣ ଅଂଶଗ୍ରହଣ କରିଛନ୍ତି । ୟୁନାଇଟେଡ୍‌ ନେସନ୍ସ ପପୁଲେସନ ଫଣ୍ଡ୍‌ ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍‌ ଅଫ ସୋସିଆଲ ସାଇନ୍ସ୍‌ର ସହାୟତାରେ ଏହି ୱେବ୍‌ ଭିତ୍ତିକ କର୍ମଶାଳାର ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣ ସମୟରେ ସାମାଜିକ ଦୂରତ୍ୱ ଏବଂ ସ୍ୱଚ୍ଛତାର ଅନୁପାଳନ କରାଯାଉଛି ।

ଏଥିରେ କର୍ମଚାରୀ ଓ କାଉନସେଲରମାନଙ୍କୁ ଲିଙ୍ଗଭିତ୍ତିକ ହିଂସାକୁ ପ୍ରତିହତ କରିବା ଦିଗରେ ମନସ୍ତାତ୍ତ୍ୱିକ ଏବଂ ସାମାଜିକ ସହାୟତା ପ୍ରଦାନ ପାଇଁ ବିଶେଷ କୌଶଳ ଅବଲମ୍ବନ ନିମନ୍ତେ ଆବଶ୍ୟକୀୟ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଆହୁରୀ ମଧ୍ୟ ସ୍ୱାସ୍ଥ୍ୟ, ଚିକିତ୍ସା ଏବଂ ଆଇନଗତ ପ୍ରସଙ୍ଗ ଉପରେ ପିଡୀତାଙ୍କୁ ଅଧିକ ସେବା ଓ ସହାୟତା ପ୍ରଦାନ ବିଷୟରେ ମଧ୍ୟ ତାଲିମ ପ୍ରଦାନ କରାଯିବ । ପ୍ରଥମ ୱେବ ସେମିନାରର ବିଷୟବସ୍ତୁ ରହିଥିଲା 'ମହିଳା ଓ କିଶୋରୀମାନଙ୍କ ବିରୋଧରେ ପାରିବାରିକ ହିଂସାର ପ୍ରତିରୋଧ ସଶକ୍ତିକରଣ' ।

ପ୍ରକାଶ ଥାଉକି, ଯେ କୌଣସି ମହାମାରୀ ସମୟରେ ମହିଳା ଏବଂ କିଶୋରୀମାନଙ୍କ ବିରୁଦ୍ଧରେ ଘରୋଇ ହିଂସା ବୃଦ୍ଧି ପାଉଥିବାର ଆଶଙ୍କା ଥାଏ । ଏ ନେଇ ଜାତୀୟ ମହିଳା କମିଶନ ଉଦ୍‌ବେଗ ପ୍ରକାଶ କରିବା ସହ କୋଭିଡ-୧୯ ମହାମାରୀ ସମୟରେ ଦେଶରେ ଏହି ଭଳି ଘରୋଇ ହିଂସା ଘଟଣା ବୃଦ୍ଧି ପାଇଛି ବୋଲି ମତ ପ୍ରକାଶ କରିଥିଲେ ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ